ଜେଟ୍ ଏୟାରୱେଜ୍

ଅର୍ଥ ଅଭାବ ଯୋଗୁଁ ବିମାନ ଚଳାଚଳ ସାମୟିକଭାବେ ବନ୍ଦ କରିବ

ନୂଆଦିଲ୍ଲୀ: ନିଜର ଚଳାଚଳକୁ ସାମୟିକଭାବେ ବନ୍ଦ କରିପାରେ ପ୍ରବଳ କ୍ଷତିରେ ଚାଲୁଥିବା ବିମାନ ସେବା କମ୍ପାନି ଜେଟ ଏୟାରୱେଜ୍ କମ୍ପାନିର ପରିଚାଳନାକୁ ସାମୟିକଭାବେ ନିଜ ନିୟନ୍ତ୍ରଣକୁ ନେଇଥିବା ବ୍ୟାଙ୍କମାନେ ଏହାକୁ ତୁରନ୍ତ ଆର୍ଥିକ ପ୍ୟାକେଜ ଦେବା ସମ୍ପର୍କରେ କୌଣସି ନିଷ୍ପତ୍ତି ନେବାରେ ବିଫଳ ହେବାରୁ କମ୍ପାନି ପାଖରେ ଅର୍ଥର ଅଭାବ ଦେଖାଦେଇଛି । ନିଜର ପାଇଲଟ ଓ କର୍ମଚାରୀଙ୍କୁ ଦରମା ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଜେଟ ପାଖରେ ଏବେ ଅର୍ଥ ନାହିଁ । କମ୍ପାନିର ପୂର୍ବରୁ ୧୨୩ଟି ବିମାନ ଚଳାଚଳ କରୁଥିବାବେଳେ ଏବେ ତାହା ମାତ୍ର ୭କୁ ଖସିଆସିଛି । ଏହା ଫଳରେ କମ୍ପାନି ବାଧ୍ୟ ହୋଇ ନିଜର ଅନ୍ତର୍ଜାତୀୟ ଅପରେସନକୁ ବନ୍ଦ କରିଛି । ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୨୫ରେ କମ୍ପାନିକୁ ଋଣ ଦେଇଥିବା ଷ୍ଟେଟ ବ୍ୟାଙ୍କ ଓ ଅନ୍ୟ ବ୍ୟାଙ୍କମାନଙ୍କ କନସୋର୍ଟିୟମ ନିଜର ଋଣକୁ ଇକ୍ୱିଟିରେ ପରିବର୍ତ୍ତନ କରି କମ୍ପାନିରେ ସେମାନଙ୍କ ଅଂଶଧନ ୫୦ ପ୍ରତିଶତରୁ ଅଧିକ କରିଦେଇଥିଲେ । ବ୍ୟାଙ୍କମାନେ ଖୁବଶୀଘ୍ର କମ୍ପାନିକୁ ପ୍ରାୟ ୧୫ ଶହ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ଲାଗି ନିଷ୍ପତ୍ତି ନେଇଥିଲେ । ଏହ ସହିତ କମ୍ପାନିର ପ୍ରତିଷ୍ଠାତା ନରେଶ ଗୋଏଲ କମ୍ପାନିର ଅଧକ୍ଷ ପଦ ଛାଡିଥିଲେ । ଜେଟ ଏୟାରୱେଜ୍ ନିଜର ଅନ୍ତର୍ଜାତୀୟ ଉଡାଣକୁ ଏପ୍ରିଲ ୧୯ ତାରିଖ ପର୍ଯ୍ୟନ୍ତ ରଦ୍ଦ କରିଛି । ବର୍ତ୍ତମାନ କମ୍ପାନିର କେବଳ ସାତଟି ବିମାନ ଉଡାଣ କରିବା ସ୍ଥିତିରେ ରହିଛି । ଏହାପୂର୍ବରୁ କମ୍ପାନି ସୋମବାର ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ବିମାନକୁ ରଦ୍ଦ କରିବାକୁ ଘୋଷଣା କରିଥିଲା ।

ଜେଟ ଏୟାରୱେଜ୍ ସିଇଓ ବିନୟ ଡୁବେଙ୍କ କହିବାନୁସାରେ, ବ୍ୟାଙ୍କ ସହିତ ହୋଇଥିବା ଆଲୋଚନାକୁ ବୋର୍ଡ ସମକ୍ଷରେ ମଙ୍ଗଳବାର ରଖା ଯାଇଛି । କମ୍ପାନି ସାର୍କ ଓ ଆସିୟାନ୍ ଦେଶ ବ୍ୟତୀତ ଟୋରଣ୍ଟୋ ଓ ପ୍ୟାରିସରେ ବି ଉଡାଣକୁ ଆଗାମୀ ଆଦେଶ ପର୍ଯ୍ୟନ୍ତ ରଦ୍ଦ କରି ଦେଇଛି ।

ସୂଚନାଯୋଗ୍ୟ, ତିନିମାସ ହେବ ବେତନ ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଜେଟ ଏୟାରୱେଜ୍ ପାଇଲଟ ଏବେ ଚାକିରି ବଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୁହାରି କରିଛନ୍ତି । ପାଇଲଟଙ୍କ ସଙ୍ଗଠନ ନ୍ୟାସନାଲ ଏଭିଏଟର୍ସ ଗିଲ୍ଡ (ଏନ୍‌ଏଜି) ସୋମବାର କହିଥିଲେ କି, କମ୍ପାନିର ସଞ୍ଚାଳନ ବନ୍ଦ ହୋଇଗଲେ ୨୦ହଜାର ଚାକିରି ବିପଦରେ ପଡ଼ିପାରେ । ଏହି ଅସୁବିଧାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀ ହିଁ ସାହାଯ୍ୟ କରି ପାରିବେ ।

ୱିପ୍ରୋ କମ୍ପାନିର ନିଟ୍‌ଲାଭ ୩୮ ପ୍ରତିଶତକୁ ବୃଦ୍ଧି

ନୂଆଦିଲ୍ଲୀ : ସୂଚନା ଓ ପ୍ରଯୁକ୍ତି (ଆଇଟି) ସେବା ଯୋଗାଣ କ୍ଷେତ୍ରରେ ଅପୂର୍ବ ସାମ୍ରାଜ୍ୟ ବିସ୍ତାର କରିଥିବା ୱିପ୍ରୋ କମ୍ପାନିର ଚଳିତ ବର୍ଷର ମାତ୍ର ଚାରିମାସରେ ବ୍ୟବସାୟ କାରବାରରେ ନିଟ୍ ଲାଭ ୩୮ ପ୍ରତିଶତକୁ ବୃଦ୍ଧି ପାଇଥିବା ଜଣାପଡ଼ିଛି । ଚଳିତ ୨୦୧୯ ମାର୍ଚ୍ଚ ମାସରେ ଯେଉଁ ଆକଳନ କରାଯାଇ ପାରିଛି ଏଥିରେ ଲାଭ ୨,୪୯୩.୯ କୋଟି ଟଙ୍କାରୁ ଉର୍ଦ୍ଧ୍ୱକୁ ଟପି ଯାଇଛି । ଏପରିକି ଏହାର ବିଭିନ୍ନ ଯୋଜନା ଅନୁଯାୟୀ ଲାଭ ପରିମାଣ ୧୦,୫୦୦ କୋଟି ଟଙ୍କାକୁ ସ୍ୱର୍ଶ କରିଛି । ବେଙ୍ଗାଲୁର ଭିତ୍ତିକ ଏହି ୱିପ୍ରେ କମ୍ପାନି ଗତ ୨୦୧୮ ଜାନୁଆରୀ ଠାରୁ ମାର୍ଚ୍ଚ ମାସ ମଧ୍ୟରେ ଯାହା ନିଟ୍ ଲାଭ ୧,୮୦୦.୮ କୋଟି ହାସଲ କରିଥିଲା ତାହା ଚଳିତ ତ୍ରୟୋମାସର ଆକର୍ଷଣୀୟ ଭାବେ ବୃଦ୍ଧି ଘଟିଛି । ଏଥିରୁ ସ୍ପଷ୍ଟ ହେଉଛି ଯେ ସୂଚନା ପ୍ରଯୁକ୍ତି କ୍ଷେତ୍ର ପାଇଁ ଉପଯୁକ୍ତ ତଥା ଅନୁକୂଳ ବାତାବରଣ ସୃଷ୍ଟି ହୋଇଥିବା ଯୋଗୁଁ ଆଇଟି କ୍ଷେତ୍ରରେ ସେବା ଜନିତ ବ୍ୟବସାୟ ବୃଦ୍ଧି ପାଇବାରେ ଲାଗିଛି । ଇଣ୍ଟରନେଟ୍ ତଥା ଡିଜିଟାଲ୍ ଯୁଗରେ ସମସ୍ତ କାରବାର ତଥା ବିନିମୟ କମ୍ପ୍ୟୁଟର ଜରିଆରେ ଉପଲବ୍ଧ ହେଉଛି । ତେଣୁ ୱିପ୍ରୋ କମ୍ପାନି ଏଭଳି ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ପ୍ରସସ୍ତ କରିବାରେ ଲାଗିଛି । କ୍ରମାଗତ ଏହି କମ୍ପାନି ଲାଭ ହାସଲ କରୁଥିବା ସମ୍ପର୍କରେ ବମ୍ବେଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ସୂଚକାଙ୍କରୁ ମଧ୍ୟ ଜଣାପଡ଼ିଛି । ଏହା ୮.୯ ପ୍ରତିଶତ ହାରରେ ବୃଦ୍ଧି ପାଇବା ଯୋଗୁଁ ୧୫,୦୦୬.୩ କୋଟି ଟଙ୍କାରେ ପହଞ୍ଚି ପାରିଛି । ଏକବର୍ଷ ପୂର୍ବେ ଏହି କାରବାରକୁ ଯାହା ସମୀକ୍ଷା କରାଯାଇଥିଲା ଏଥିରେ ବ୍ୟାପକ ପରିବର୍ତ୍ତନ ଦେଖା ଦେଇଛି । ଯାହାକି ଗତବର୍ଷ ୧୩, ୭୬୮.୬ କୋଟି ଟଙ୍କା ସମୀକ୍ଷାରୁ ଜଣାପଡ଼ିଥିବା ତାହା ୧୫ ହଜାର କୋଟି ଟଙ୍କା ଉର୍ଦ୍ଧ୍ୱକୁ ବୃଦ୍ଧି ପାଇଛି । ୨୦୧୮-୧୯ ପୂର୍ଣ୍ଣ ଆର୍ଥିକ ବର୍ଷରେ ୱିପ୍ରୋ ଜାଣି ପାରିଛି ଯେ ଏହାର ନିଟ୍ ଲାଭ ୧୨.୬ ପ୍ରତିଶତକୁ ବୃଦ୍ଧି ପାଇ ଏହା ୯,୦୧୭.୯ କୋଟି ଟଙ୍କାକୁ ବୃଦ୍ଧି ଘଟିଛି । ଯେଉଁ ଠାରେ କି ରାଜସ୍ୱ ପରିମାଣ ୭.୫ ପ୍ରତିଶତରୁ ବୃଦ୍ଧି ପାଇ ୫୮,୪୮୪.୫ କୋଟି ଟଙ୍କାକୁ ସ୍ୱର୍ଶ କରିଛି ।

୨୦୧୯ରେ ଇଣ୍ଡିଆ ପୋଷ୍ଟର କ୍ଷତି ୧୫,୦୦୦ କୋଟି

ନୂଆଦିଲ୍ଲୀ: ବିଏସ୍‌ଏନ୍‌ଏଲ ଏବଂ ଏୟାର ଇଣ୍ଡିଆ ୨୦୧୯ ଆର୍ଥିକ ବର୍ଷ(୨୦୧୮-୧୯)ରେ ସର୍ବାଧିକ କ୍ଷତି ସହିଥିବା ସରକାରୀ କମ୍ପାନି ମନେ କରାଯାଉଥିଲା । କିନ୍ତୁ ଅନ୍ୟ ଏକ ସରକାରୀ ସଂସ୍ଥା କ୍ଷତି ସହିବାରେ ଏହି ଦୁଇ ରାଷ୍ଟ୍ରାୟତ୍ତ କମ୍ପାନୀକୁ ବଳିଯାଇଛି । ସାରା ଦେଶରେ ୧.୫ ଲକ୍ଷରୁ ଅଧିକ ଡାକଘର ଏବଂ ପପୁଲାର ସେଭିଙ୍ଗସ ସ୍କିମ୍ ଚଳାଉଥିବା ଇଣ୍ଡିଆ ପୋଷ୍ଟର କ୍ଷତି ୨୦୧୯ ଆର୍ଥିକ ବର୍ଷ(୨୦୧୮-୧୯)ରେ ୧୫ ହଜାର କୋଟି ଟଙ୍କାରେ ପହଞ୍ଚି ଯାଇଛି । ଆର୍ଥିକ ବର୍ଷ ୨୦୧୭ରେ ବିଏସ୍‌ଏନ୍‌ଏଲ୍ ଏବଂ ଏୟାର ଇଣ୍ଡିଆର କ୍ଷତିର ପରିମାଣ ଯଥାକ୍ରମେ ୮ ହଜାର କୋଟି ଏବଂ ୫୩୪୦ କୋଟି ଟଙ୍କା ଥିଲା । କ୍ଷତିରେ ଚାଲୁଥିବା ଅନ୍ୟ ସରକାରୀ ସଂସ୍ଥା ଭଳି ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଅଧିକ ବ୍ୟୟ କରୁଛି । ଫଳରେ ଏହାର ଅପରେଟିଂ କଷ୍ଟ ବା କ୍ରିୟାନ୍ୱୟନ ଖର୍ଚ୍ଚ ବଢ଼ିବାରେ ଲାଗିଛି । କେନ୍ଦ୍ର ସରକାର ବିଭିନ୍ନ ସମୟରେ ବେତନ କମିଶନ ଲାଗୁ କରିବା ଯୋଗୁ ବର୍ତ୍ତମାନ ଇଣ୍ଡିଆ ପୋଷ୍ଟ ଦରମା ଓ ଭତ୍ତା ବାବଦରେ ଏହାର ମୋଟ ରାଜସ୍ୱର ୯୦ ପ୍ରତିଶତ ଖର୍ଚ୍ଚ କରୁଛି । ତେବେ ରାଜସ୍ୱ ଆଦାୟ ଦିନକୁ ଦିନ କମିବାରେ ଲାଗିଛି । ଆର୍ଥିକ ବର୍ଷ ୨୦୧୮-୧୯ର ସଂଶୋଧିତ ଆକଳନ ଅନୁଯାୟୀ ଦରମା ଓ ଭତ୍ତା ବାବଦରେ ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ୧୬,୬୨୦ କୋଟି ଟଙ୍କା ଖର୍ଚ୍ଚ କରିଛି । କିନ୍ତୁ ଏହା ସେହି ବର୍ଷ ୧୮ ହଜାର କୋଟି ଟଙ୍କାର ରାଜସ୍ୱ ହାସଲ କରିଛି । ସେଥିରେ ୯୭୮୨ କୋଟି ଟଙ୍କାର ପେନସନ ବାବଦ ଖର୍ଚ୍ଚକୁ ଯୋଡି ଦିଆଗଲେ ଆଲୋଚ୍ୟ ଆର୍ଥିକ ବର୍ଷରେ କେବଳ କର୍ମଚାରୀଙ୍କ ବାବଦରେ ବ୍ୟୟ ୨୬,୪୦୦ କୋଟି ଟଙ୍କା ହୋଇଛି ।

ଏହି ରାଷ୍ଟ୍ରାୟତ୍ତ ସଂସ୍ଥା ଆର୍ଥିକ ବର୍ଷ ୨୦୨୦ରେ ଦରମା ଓ ଭତ୍ତା ବାବଦରେ ୧୭,୪୫୧ କୋଟି ଏବଂ ପେନସନ ବାବଦରେ ୧୦,୨୭୧ କୋଟି ଟଙ୍କା ବ୍ୟୟ କରିବ ବୋଲି ଆକଳନ କରିଛି । ସେହିବର୍ଷ ରାଜସ୍ୱ ଆଦାୟ ୧୯,୨୦୩ କୋଟି ଟଙ୍କା ରହିବ ବୋଲି ଦର୍ଶାଯାଇଛି । କମ୍ପାନୀ ଏହି କ୍ଷତିରୁ ବାହାରି ଆସିବାକୁ ପ୍ରୟାସ କରୁଥିବା ବେଳେ ସାମଗ୍ରୀ ମୂଲ୍ୟ ହ୍ରାସ ପାଉଥିବାରୁ ଏବଂ ପାରମ୍ପରିକ ସେବା କ୍ଷେତ୍ରରେ ଅନ୍ୟ ବିକଳ୍ପ ମିଳୁଥିବାରୁ ତାହା ସମ୍ଭବ ହୋଇପାରୁନି । ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ୪.୩୩ ଲକ୍ଷ କର୍ମଚାରୀ ଏବଂ ୧.୫୬ ଲକ୍ଷ ପୋଷ୍ଟ ଅଫିସକୁ କାର୍ଯ୍ୟରେ ଲଗାଇବା ଲାଗି ଇଣ୍ଡିଆ ପୋଷ୍ଟ ଇ-କମର୍ସ ବ୍ୟବସ୍ଥା ଆପଣାଇବାକୁ ସରକାର ପରାମର୍ଶ ଦେଇଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେ, ଦେଶରେ ସମସ୍ତ ବ୍ୟାଙ୍କର ଶାଖାଠାରୁ ଅଧିକ ପୋଷ୍ଟ ଅଫିସ ରହିଛି । ସେହି କାରଣରୁ କ୍ଷତି ବଢ଼ି ବଢ଼ି ଚାଲିଛି । ଇଣ୍ଡିଆ ପୋଷ୍ଟ ଗୋଟିଏ ପୋଷ୍ଟ କାର୍ଡ ଛପାଇବାରେ ୧୨.୧୫ ଟଙ୍କା ଖର୍ଚ୍ଚ କରୁଥିବା ବେଳେ ମାତ୍ର ୫୦ ପଇସାରେ ଏହାକୁ ବିକୁଛି । ପାର୍ସେଲ ସେବା, ବୁକ୍ ପୋଷ୍ଟ, ସ୍ପିଡ ପୋଷ୍ଟ, ରେଜିଷ୍ଟ୍ରେଶନ ଆଦି ସେବାରେ କ୍ଷତି ସହିବାକୁ ପଡୁଛି । ଏହାଛଡ଼ା ଇଣ୍ଡିଆ ପୋଷ୍ଟ ସୋଭରେନ ଗୋଲ୍ଡ ବଣ୍ଡ, ମ୍ୟୁଚୁଆଲ ଫଣ୍ଡ ଓ ବୀମା, ପାର୍ସପୋର୍ଟ ସେବା ଯୋଗାଣ, ରେଲୱେ ଟିକେଟ ଭଳି ଏକାଧିକ ଆର୍ଥିକ ସେବା କ୍ଷେତ୍ରରେ ପାଦ ଥାପିଛି । କିନ୍ତୁ ଏଥିରୁ ସେଭଳି ଲାଭ ହେଉନି । ୨୦୧୮ ଆର୍ଥିକ ବର୍ଷରେ ଏହିସବୁ ସେବା ଯୋଗାଣରୁ ୮୪୪ କୋଟି ଟଙ୍କାର ରାଜସ୍ୱ ମିଳିଛି । ଏହାଛଡ଼ା ଇଣ୍ଡିଆ ପୋଷ୍ଟ ନ୍ୟାଶନାଲ ସେଭିଙ୍ଗସ ସ୍କିମ୍ ଏବଂ ସେଭିଂ ସାର୍ଟିଫିକେଟ ବିକ୍ରି କରି ଅଧିକ ରାଜସ୍ୱ ପାଉଥାଏ ।

୩୬ ବ୍ୟବସାୟୀ ଦେଶ ଛାଡ଼ି ପାର୍

ନୂଆଦିଲ୍ଲୀ: ନିରବ ମୋଦୀ ଓ ବିଜୟ ମାଲ୍ୟାଙ୍କ ଭଳି ୩୬ ଜଣ ବ୍ୟବସାୟୀ ଦେଶ ଛାଡ଼ି ପଳାଇଛନ୍ତି । ସେମାନଙ୍କ ବିରୋଧରେ ଦେଶରେ ଅପରାଧିକ ମାମଲା ରହିଛି ବୋଲି ଏକ ଅଦାଲତକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜଣାଇଛି । ଅଗଷ୍ଟା ୱେଷ୍ଟଲ୍ୟାଣ୍ଡ ଭିଭିଆଇପି ହେଲିକପ୍ଟର କିଣାରେ ହୋଇଥିବା ଦୁର୍ନୀତିର ଅଭିଯୁକ୍ତ ଭାବେ ଗିରଫ ହୋଇଥିବା ସୁଶେନ ମୋହନ ଗୁପ୍ତାଙ୍କ ଜାମିନ ଆବେଦନର ଶୁଣାଣି ବେଳେ ଇଡି ପକ୍ଷରୁ ଏହି ସୂଚନା ଦିଆଯାଇଛି । ସୁଶେନ୍‌ଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଅଦାଲତଙ୍କୁ ଅବଗତ କରିଥିଲେ ଯେ, ଯେହେତୁ ତାଙ୍କ କ୍ଲାଏଣ୍ଟ ସାମାଜିକ କାର୍ଯ୍ୟ ସହିତ ଗଭୀର ଭାବେ ଜଡ଼ିତ ରହିଛନ୍ତି, ତେଣୁ ସେ ଦେଶ ଛାଡ଼ି ଯିବେ ନାହିଁ । ଏହାର ଉତ୍ତରରେ ପ୍ରତିପକ୍ଷ ଓକିଲ କୋର୍ଟଙ୍କୁ ଜଣାଇଥିଲେ ଯେ, ବିଜୟ ମାଲ୍ୟା, ନିରବ ମୋଦୀ, ଲଲିତ ମୋଦୀ, ମେହୁଲ ଚୋକ୍ସି ଓ ସନ୍ଦେସେରା ଭ୍ରାତା ମଧ ସମାଜ ସହିତ ଗଭୀର ଭାବେ ଜଡ଼ିଥିଲେ । ତଥାପି ସେମାନେ ଦେଶ ଛାଡ଼ି ପଳାୟନ କରିଥିଲେ । ବିଗତ କିଛି ବର୍ଷ ଭିତରେ ଏଭଳି ଭାବେ ୩୬ ଜଣ ବ୍ୟବସାୟୀ ଦେଶ ଛାଡ଼ି ଚାଲିଯାଇଥିବା ସେ କହିଛନ୍ତି ।

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍

(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)

ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା

ଫୋନ୍ ନଂ- (EPABX)- ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ଇ-ଟେଣ୍ଡର ବିଜ୍ଞପ୍ତି

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ଼ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ଼ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (**http://coalindiatenders.nic.in**) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (**http://eprocure.gov.in**) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

କ୍ର. ସଂ.	ଟେଣ୍ଡର ଆଇଡ଼ି	କାର୍ଯ୍ୟ/ସେବାର ନାମ	ଟେଣ୍ଡର ମୂଲ୍ୟ (₹)
1	2019_MCL_135299_1	Strengthening of Hual Road near view point junction at Bharatpur OCP.	2826650.00
2	2019_MCL_135303_1	Connecting CT road at Central Haul Road Jn at Bharatpur OCP.	1553899.00
3	2019_MCL_135431_1	Supply of water for domestic purpose through water tanker to village Ekdal, (Sanjamunda Sahi,Nayak Sahi,Puruna Sahi,Baragharia Sahi) and Hiloi ,under Bharatpur Area for the year 2019.(Re tender,3rd call)	1138570.00
4	2019_MCL_135435_1	Extension of External Pipe Line for Drinking Water Supply from Singhada Pump House to N.S. Nagar Colony of Bharatpur OCP under Bharatpur Area.(Re tender,2nd call)	964669.00
5	2019_MCL_135717_1	Cleaning of berms along CT road from in motion weigh bridge 1 to central haul road Jn via Panchamukhi Jn at Bharatpur OCP.	371332.00
6	2019_MCL_135774_1	Hiring of a Mini Bus (32 plus 1 Seater) for 24 hours duty (3 Shift) for use at Ananta OCP, Jagannath Area for 682 days in 02(two) years.	4031302.00
7	2019_MCL_135723_1	PROCUREMENT OF TORQUE CONVERTOR ASSLY	531460.00
8	2019_MCL_135754_1	PROCUREMENT OF SPARES FOR BE-1600 HYD EXCAVATOR	281514.00
9	2019_MCL_135773_1	Cleaning of overhead tanks two times in a year including repairing of tanks and providing precast slab at BIT of Lakhanpur Area for two years.	1427242.00
10	2019_MCL_135784_1	Cleaning of road from Tata Bridge to Project Office for a period of two years at LKP OCP of Lakhanpur Area.	328604.00
11	2019_MCL_135874_1	PROCUREMENT OF SPARES FOR TATA HITACHI ZW220 PAY LOADER	1078786.00
12	2019_MCL_135900_1	PROCUREMENT OF PIPE FOR TATA1200 HYD.EXCV.	404925.00
13	2019_MCL_135903_1	PROCUREMENT OF SAPRES FOR RED DOT AC BD355 DOZER	538065.00
14	2019_MCL_135831_1	DISTEMPERING, PAINTING AND EXTERIOR PAINTING AT DIFFERENT SHOP FLOORS, STORE ETC AT CWS (X), TALCHER	731679.00
15	2019_MCL_135778_1	Procurement of 11 KV VCB 25KA, Manual Operated, Shunt Trip / Closing Coil 110V DC (Draw out Type).	299130.00
16	2019_MCL_135761_1	Strengthening of coal transportation road from main haul road junction towards quarry no.03 of LKP OCP at Lakhanpur Area.	9454333.00
17	2019_MCL_135868_1	Maintenance and upkeeping of electrical equipments at main Sub-Station for a period of 02 years (610 Days) at SOCP, IB Valley Area.	622886.00
18	2019_MCL_135685_1	Day to day operation of Aadhar Attendance System, Coalnet Network, MPLS Network, CCTV Network and associated jobs of GM Office, Lakhanpur OCP, Belpahar OCM of Lakhanpur Area, MCL	1014369.00
19	2019_MCL_135894_1	Supply of Spares for ACE Rhino 90C Cranes.	89317.00
20	2019_MCL_135939_1	Making pathway and developing lawn at park near C-type and A-type quarter at Lingaraj Township, Lingaraj OCP, Lingaraj Area.	2004316.00
21	2019_MCL_135940_1	Renovation of sewerage system at DLB colony Dera under Lingaraj OCP, Lingaraj Area.	702920.00
22	2019_MCL_135941_1	Strengthening of road berm and providing drain along road side from Balunga Hutting Chhak to Jatra padia of Lingaraj OCP, Lingaraj Area.	8820570.00
23	2019_MCL_136003_1	PROCUREMENT OF AC SPARES FOR TATA-1200(038) HYDRAULIC EXCAVATOR	159965.00
24	2019_MCL_135981_1	PROCUREMENT OF AUTO LUBE SYSTEM SPARES FOR CAT773D 6-T/50T DUMPHER	957177.00
25	2019_MCL_135953_1	AMC Work for fixing and welding of holder and picks, picks washer etc on Crusher roll of FC and on secondary crusher roll Ckt. 3 as well as new fitting and building up wedges and breaking pieces on the secondary sizers of FC of Jagannath OCP for 1 yr	1157120.00
26	2019_MCL_136000_1	PROCUREMENT OF SOLDERING ALUMINUM FLUX FOR CWS_X TALCHER.	50695.00
27	2019_MCL_135928_1	Hiring of 01 No. Bolero Camper or Pick-Up Van or equivalent having seating capacity of 5 (4 plus 1) and loading capacity of minimum 01 ton on rear body for 24 hrs duty, max 3360 km per month for a period of two year (682 days) for SOCP, IB Valley Are	1699619.00
28	2019_MCL_135984_1	Hiring of one no. AC running covered jeep (Bolero or equivalent) having seating capacity 6 plus 1 on 24 hours duty basis with deployment of three nos. of drivers, max run 4000 km/month, for 02 years (682 days) for Lakhanpur OCP, Lakhanpur Area, MCL	1729552.00
29	2019_MCL_135992_1	Repairing of Platform structure of 10 nos. of static road weighbridges for 1 year at Lakhanpur OCP, Lakhanpur Area, MCL	328555.00
30	2019_MCL_136024_1	Hiring of One (1) Jeep(6 plus 1 seater or more) (Bolero/ Sumo or its equivalent) fitted with AC for 24 hrs per day duty for Police for two years at Basundhara Area (682 days).(4000km run per month)	1725460.00
31	2019_MCL_136025_1	Removal of deposited earth from the flanks of Coal Transportation Road from 16 no (Dhaba Chhak) to Jagannath PO Office under BBSRI OCP, Jagannath Area, for a period of 01(one) year.	2243024.00
32	2019_MCL_136033_1	Complete electrical renovation including all fittings and accessories at GVTC under GM Unit, Jagannath Area	402681.00
33	2019_MCL_136052_1	Complete electrical renovation of electrical wiring including fitting of electrical fittings at Regional Stores, Balanda under GM Unit, Jagannath Area	1642721.00
34	2019_MCL_136051_1	Annual maintenance of coal transportation road from F.C chhak to road in-motion weigh bridge at Jagannath Colliery under Jagannath Area.	9900538.00
35	2019_MCL_136064_1	Annual repair and maintenance of CT road from zero point to Tribeni camp junction through light vehicle section and challan point of Ananta OCP (Road ID No.AOCP/RD/01,02,09,10,11,12 and 48)	9917902.00
36	2019_MCL_136065_1	Repair and Calibration of 08 nos ZEXEL make Fuel Injection Pumps(F.I.Ps) suitable for BS6D-170/ BSA6D170 Engines applicable to BEML make BD-355 Dozers and BE-1000 Hydraulic Excavators (Re-tender)	987660.00
37	2019_MCL_135990_1	Procurement of Fire resistant grade Steel Cord Conveyor Belting of width 1200 mm	16874683.00
38	2019_MCL_136084_1	Hiring of one no. AC running covered jeep (Bolero or equivalent) having seating capacity 6 plus 1 on 16 hours duty basis with deployment of two nos. of drivers, max run 3500 km/month, for 02 years (682 days) for Lakhanpur OCP, Lakhanpur Area, MCL	1316260.00
39	2019_MCL_136070_1	Annual cleaning and up-keeping of G.M. Office and MRS office at Orient Area(1st re-tender)	645363.00
40	2019_MCL_136077_1	SUPPLY OF CONSUMABLE ITEMS.	251420.00
41	2019_MCL_135933_1	Laying, fitting, shifting and dismantling of 8 inch dia/6 inch dia MS Pipe line at Balram OCP for a period of one year.	1428074.00
42	2019_MCL_135997_1	Procurement of 9-7/8 DIA air blast Milled Steel Tooth Type TRR bit	4814400.00
43	2019_MCL_136067_1	AMC of 33kV OHT line from four pole structure near Himanshu dhaba to 33kV RLS Substation and various electrical installations coming under RLS, BOCP as per instruction of Engineer in charge for 313 days in a period of ONE Year.	504290.00
44	2019_MCL_136073_1	AMC for Cleaning of Coal Dust, Coal Slurry and Spilled Coal from C4, C5, C6, C7 Conveyors including Cleaning of entire RLS Plant of Bharatpur OCP pertaining to drive houses, Walkways, EMV feeders, Silo Areas, Rail Tracks n Return belt for 365 day	3902414.00
45	2019_MCL_136074_1	Repairing of 75 meters Air Ventilation Duct under surge bunker of C-3 side at CHP, Bharatpur OCP.	496275.00
46	2019_MCL_136075_1	Replacement of conveyor belts, Preparatory jobs for carrying out joints and belt snapping in C-6 and C-7 conveyors at RLS, BOCP for a period of 1 year.	602105.00
47	2019_MCL_136076_1	Repairing of 300 Nos. of Bottom Rollers for 1200mm Belt conveyor for the use of C-4, C-5, C-6 and C-7 conveyors at RLS, BOCP.	170878.00
48	2019_MCL_136053_1	Repair of 2 nos 440V, 300 Amps starter panel at Nadia Bagicha and Bus bar arrangement of LT Panel 800 Amps installed at A-Type Quarters at Lingaraj Township, Lingaraj Area	353386.00
49	2019_MCL_136054_1	Erection, dismantling and other related works in Overhead Line 3.3kV Power Feeder No. 01, 02 and 10 drawn from Sub-Station to Quarry as required from time to time during advancing of mine at Lingaraj OCP , Lingaraj Area , for a period of one year	3437228.00
50	2019_MCL_136127_1	PROCUREMENT OF PRINTING OF CERTIFICATE FOR BASIC AND REFRESHER TRAINING	122720.00
51	2019_MCL_136164_1	Hiring of 02 no. Air Conditioned 7 seater (6 plus 1) Hard Top diesel jeep or equivalent Covered Vehicle, max 2500 Km run per month, 12 hrs duty for a period of two years (341 days per year) for GM Office, IB Valley Area.	1850266.00
52	2019_MCL_136085_1	Annual Maintenance Contract for electrical job of residential quarters at Jagruti Vihar and Anand Vihar colonies, hospital and school of both colonies, including DG operation for a period of two years	11430521.00
53	2019_MCL_136155_1	Procurement of Transformer Oil for Nandira and Talcher Colliery, MCL Talcher Area.	637200.00
54	2019_MCL_136188_1	Repairing and Maintenance of Hume steel Pipeline (600 mm dia.) as and when required from Intake Well to Balram GWR of IWSS, Lingaraj Area for a period of one year.	248487.00
55	2019_MCL_136189_1	Hiring of One (01) No. Diesel Covered jeep Bolero / Sumo or equivalent, minimum 7 seater with AC fitted, Daily 24 hours operation for a period of Two Years for PO Office Pool, LOCP, Lingaraj Area with monthly limit within 3694.17 km.	1804572.00
56	2019_MCL_136165_1	Maintenance of lawn, plantation, jungle cleaning and grass cutting inside workshop complex at CWS(X), Talcher for a period of two years (Retender)	3047977.00
57	2019_MCL_136212_1	Renovation of Existing Brajsagar drain at the External Part of Kaniha OCP of Kaniha Area	269408.00
58	2019_MCL_136213_1	Repair and maintenance of different coal transportation roads and other service roads during monsoon period at KOCP of Kaniha Area	913931.00
59	2019_MCL_136157_1	Fire fighting arrangement and fire fighting at different points and coal stock yards and exposed coal face in quarry no.01, 02, 03, 04 and 05 at Lakhanpur OCP of Lakhanpur Area for two years.	2955980.00
60	2019_MCL_136143_1	Supply of PVC insulated, PVC sheathed, Heavy Duty, 3.3 KV grade,3 core Double Wire armoured, Mining type Cable with copper conductor of various sizes	12959110.00

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟକ କେନ୍ଦ୍ର (ଫୋନ୍ ନଂ.0663-2542695/2542264, ଇ-ମେଲ : **hlp-eproc.mcl@coalindia.in**) **R-4901**

ଆମର ଆପ ପ୍ରାପ୍ତ କରିବା ପାଇଁ ଟୋଲ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ମିସ୍‌ଡ କଲ୍ କରନ୍ତୁ ।

(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)

ସଂଘବଦ୍ଧ ଆକ୍ରମଣରେ ବିଜେପି କର୍ମୀ

ଅଭିଯୁକ୍ତ ଚିହ୍ନଟ ହୋଇଥିବାରୁ ତାକୁ ଶୀଘ୍ର ଧରାଯିବ ବୋଲି ପୋଲିସ କହିଛି । ତେବେ ଏହା ରାଜନୈତିକ ନା ଅନ୍ୟ ଶତ୍ରୁତାର ଘଟିଛି ସେ ନେଇ ପୋଲିସ କିଛି ସୂଚନା ଦେଇ ନାହିଁ ।

ଭୁବନେଶ୍ୱର ସବୁଠୁ ଉତ୍ତପ୍ତ

ରହିବ । ୧୮ ତାରିଖରେ ଅଭ୍ୟନ୍ତରଣୀୟ ଓଡ଼ିଶାରେ କାଳବୈଶାଖୀ ବର୍ଷା ହେବ ବୋଲି ଭୁବନେଶ୍ୱର ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି । ସେହିଭଳି ୨୦ ତାରିଖରେ ଉପକୂଳ ଓଡ଼ିଶାରେ କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବା ସମ୍ଭାବନା ରହିଛି ।

ଓଡ଼ିଶାରେ ଶାସନ ପାଇଁ ସୁଯୋଗ ଦିଅ:

ସରକାର ଗଢିକି ରହିବେ ଏବଂ କେନ୍ଦ୍ର ସରକାରରେ ବିଜେପିକୁ ସମର୍ଥନ ଦେଇ ଓଡ଼ିଶାରେ ବିକାଶରେ ଡବଲ ଇନ ସରକାର ଦେବାକୁ ଚାହିଁବୋ ଗୋଟିଏ ପଦ୍ମ ଫୁଲ ଇଞ୍ଜିନ ଦିଲ୍ଲୀ ପାଇଁ ଏବଂ ଆଉ ଗୋଟିଏ ପଦ୍ମ ଓଡ଼ିଶା ପାଇଁ ଦେବୋ ବିକାଶର ଡବଲ ଇଞ୍ଜିନ ପାଇଁ ଓଡ଼ିଶାବାସୀ ସ୍ଥିର କରିସାରିଲେଣି । ମାତ୍ର କିଛି ଲୋକଙ୍କୁ ବିକାଶର ଡବଲ ଇଞ୍ଜିନ ପାଇଁ ଭାରି କଷ୍ଟ ହେଉଛି । ସେମାନଙ୍କୁ ଡବଲ ଇଞ୍ଜିନ ଅସମ୍ଭବ ଲାଗୁଛି । କିନ୍ତୁ ଓଡ଼ିଶାବାସୀ ଡବଲ ଇନକୁ ସଫଳ କରି କି ହିଁ ରହିବୋ ଏହି ଅବସରରେ ମୋଦି କଂଗ୍ରେସକୁ କଡ଼ା ସମାଲୋଚନା କରିବାକୁ ମଧ୍ୟ ପଛାଇ ନଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସନ୍ଧ୍ୟା ସାଢେ ୫ଟାରେ ଭୁବନେଶ୍ୱର ପହଞ୍ଚିବା ପରେ ରୋଡ ସୋ’ କରିଥିଲେ। ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ବାହାର ପାର୍ଶ୍ୱରୁ ଏହି ରୋଡ ସୋ’ ଆରମ୍ଭ ହୋଇ ପ୍ରାୟ ଘଣ୍ଟାଏ ପରେ ଏୟାରପୋର୍ଟ ଛକ, ଗଙ୍ଗନଗର ଛକ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଛକ, ଶିରିପୁର ଛକ, ସିଟି ମହିଳା ମହାବିଦ୍ୟାଳୟ ପାଖ ଦେଇ ବରମୁଣ୍ଡା ଶିବ ମନ୍ଦିର ଦେଇ ବରମୁଣ୍ଡା ପଡ଼ିଆରେ ପହଞ୍ଚିଥିଲା । ସୋ’ ପାଇଁ ଏୟାରପୋର୍ଟ ଠାରୁ ବରମୁଣ୍ଡା ପର୍ଯ୍ୟନ୍ତ ରାସ୍ତା ଗେରୁଆ ରଙ୍ଗରେ ପରିଣତ ହୋଇଥିବା ବେଳେ ହଜାର ହଜାର ପ୍ରଶଂସକମାନେ ମୋଦି ମୋଦି ସ୍ଲୋଗାନ ଦେଉଥିଲେ। ସେହିଭଳି ସମ୍ବଲପୁର ସ୍ଥିତ ରେମେଡ୍ ପଡ଼ିଆରେ ଆୟୋଜିତ ବିଜେପିର ବିଜୟ ସଂକଳ୍ପ ସଭାରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଥିଲେ ଯେ ୨୦୨୨ ସୁଦ୍ଧା ଓଡ଼ିଶାର ସବୁ ଗରିବଙ୍କୁ ପକ୍କା ଘର ମିଳିସାରିଥିବ । ପକ୍କା ଘର ସହ ଉଜ୍ଜ୍ୱଳା ଗ୍ୟାସ୍, ସୌଭାଗ୍ୟ ବିଜୁଳି ମିଳିବ । ଏଥିସହ ଏଲଇଡି ବଲବ୍, ଶୌଚାଳୟ ବି ଦିଆଯିବ । ଓଡ଼ିଶାରେ ବିଜେପି ସରକାର ହେଲେ ଆୟୁଷ୍ମାନ ଭାରତ ଲାଗୁ ହେବ । ଓଡ଼ିଶାରେ ଏଥର ନିଶ୍ଚିତ ଡବଲ ଇଞ୍ଜିନ ସରକାର ଗଠନ ହେବ ବୋଲି ମୋଦି କହିଛନ୍ତି । ଏଠାରେ ମହାନଦୀ, ହୀରାକୁଦ ପରି ଜଳ ସଂପଦ ରହିଛି । ତେବେ ଧାନକୁ ରୋଗରୁ ମୁକ୍ତ ପାଇଁ ରାଜ୍ୟ ବ୍ୟବସ୍ଥା କରିନାହିଁ । ଏମ୍‌ଏସପି ବଢ଼ାଯାଇଛି । ରାଜ୍ୟ ସେ ଲାଭ ଚାଷୀଙ୍କୁ ଦେଉନାହିଁ । ଏଠାରେ ପିଏମ୍ କିଷାନରେ ଚାଷୀମାନେ ଲାଭ ପାଉ ନାହାନ୍ତି ବୋଲି ସେ କହିଛନ୍ତି । ମଙ୍ଗଳବାର ପୂର୍ବାହ୍ନ ୧୧ ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଝାରସୁଗୁଡ଼ା ବିମାନବନ୍ଦରରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଅବତରଣ କରି ସେଠାରୁ ହେଲିକେପ୍ଟର ଯୋଗେ ସମ୍ବଲପୁରରେ ପହଞ୍ଚି ରେମେଡ୍ ପଡ଼ିଆରେ ବିଜେପିର ବିଜୟ ସଂକଳ୍ପ ସଭାରେ ଯୋଗ ଦେଇଥିଲେ । ଏହି ସଭାରେ ସମ୍ବଲପୁର ବିଜେପି ଲୋକସଭା ପ୍ରାର୍ଥୀ ନୀତେଶ ଗଙ୍ଗଦେବ, ସମ୍ବଲପୁର ବିଜେପି ବିଧାନସଭା ପ୍ରାର୍ଥୀ ଜୟ ନାରାୟଣ ମିଶ୍ର , କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ,ବିଜେପି ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏବଂ ରାଜ୍ୟ ବିଜେପି ପ୍ରଭାରୀ ଅରୁଣ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

ବିଜେପି ଦେଶବାସୀଙ୍କୁ ଭ୍ରମିତ କରୁଛି : ବିଜେଡି

ଭୁବନେଶ୍ୱର, ୧୬।୪(ଅନୁପମ ମିଡିଆ): ବିଜେପି ୨୦୧୪ ନିର୍ବାଚନୀ ଇସ୍ତାହାରରେ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବାକୁ ଘୋଷଣା କରିଥିଲା ।୨୦୧୯ ଇସ୍ତାହାରରେ ତାହା ନାହିଁ । ବିଜେପି କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ରାଜ୍ୟ ତଥା ଦେଶବାସୀଙ୍କୁ ଭ୍ରମିତ କରୁଛି ବୋଲି କହିଛି ବିଜେଡି ।

ଏମ୍‌ସିଏଲ୍ ପକ୍ଷରୁ ଚୈତ୍ର ନବରାତ୍ରି ପାଳିତ

ସମ୍ବଲପୁର, ୧୬।୪: ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଜାଗୃତି ବିହାର ପକ୍ଷରୁ ଆଜି ମାତା ଜାଗୃତି ଭବାନୀଙ୍କ ଉଦ୍ଦେଶ୍ୟରେ ଚୈତ୍ରମାସ ନବରାତ୍ରି ପୂଜା ମହାଆଡମ୍ବର ସହକାରେ ପୂଜାର୍ଚ୍ଚନା ପାଳିତ ହୋଇଯାଇଛି । ଏମ୍‌ସିଏଲ୍‌ର ଜାଗୃତି ମହିଳା ମଣ୍ଡଳର ଉପାଧକ୍ଷା ମଧୁମିଶ୍ରା ଦୁର୍ଗା ମା’ଙ୍କ ପୂଜାର୍ଚ୍ଚନା କରିଥିଲେ । ରଘୁମଣି ଦାସ ଏହି ପାରମ୍ପରିକ ପୂଜାର୍ଚ୍ଚନା କାର୍ଯ୍ୟକ୍ରମକୁ ସୂଚାର ରୂପେ ପରିଚାଳନା କରିଥିଲେ । ଚଳିତ ଏପ୍ରିଲ୍ ମାସ ୬ ତାରିଖ ଠାରୁ ଏହି ଚୈତ୍ର ନବରାତ୍ରି ପୂଜା ଆରମ୍ଭ ହେବା ସହିତ ୧୪ ତାରିଖରେ ଏହି ପୂଜା ସମ୍ପାଦନ ହୋଇଛି । ଜାଗୃତି ବିହାର ସମେତ ଆନନ୍ଦ ବିହାର ତଥା ନିକଟସ୍ଥ ସମସ୍ତ ଗ୍ରାମର ହଜାର ହଜାର ଶ୍ରଦ୍ଧାଳୁ ଦୁର୍ଗାମାତାଙ୍କ ପୂଜାର୍ଚ୍ଚନା କରିବା ପାଇଁ ବହୁ ସଂଖ୍ୟାରେ ଯୋଗ ଦେବା ସହିତ ବିଭିନ୍ନ ସଂକୀର୍ତ୍ତନ ଓ ଭଜନ ମାନଙ୍କରେ ଅଂଶ ଗ୍ରହଣ କରିଥିଲେ । ଏମ୍‌ସିଏଲ୍‌ର ଏଭଳି ଲୋକ ସମ୍ପର୍କ ତଥା ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ସ୍ଥାନୀୟ ଅଞ୍ଚଳରେ ବହୁ ଉତ୍ସାହ ଦେଖା ଦେଇଛି ।

ବିଜେପିରୁ ୧୫ ଜଣ ବହିଷ୍କୃତ

ଭୁବନେଶ୍ୱର, ୧୬।୪(ଅନୁପମ ମିଡିଆ):ଅନୁଶାସନ ଭଙ୍ଗ ଏବଂ ବିଶୃଙ୍ଖଳିତ କାର୍ଯ୍ୟ କାରଣରୁ ବିଜେପି ରାଜ୍ୟସଭାପତି ବସନ୍ତ ପଣ୍ଡା ଙ୍କ ଅନୁମୋଦନକ୍ରମେ ମଙ୍ଗଳବାର ବିଜେପିର ୧୫ ଜଣ କର୍ମୀଙ୍କୁ ଦଳରୁ ବହିଷ୍କୃତ କରାଯାଇଛି । ଭୁବନେଶ୍ୱର ଉତ୍ତର ବିଧାନସଭା କ୍ଷେତ୍ରରୁ ଯୁଗାଂଶୁ ପଣ୍ଡା, ଭୁବନେଶ୍ୱର ଏକାମ୍ର ବିଧାନସଭା କ୍ଷେତ୍ରରୁ ଭୀଷ୍ମ ନାରାୟଣ ନାୟକ, ବୋଲଗଡ - ବେଗୁନିଆ ବିଧାନସଭା କ୍ଷେତ୍ରରୁ ରୁଦ୍ର ନାରାୟଣ ବାହିନୀପତି, ରେଢାଖୋଲ ବିଧାନସଭା କ୍ଷେତ୍ରରୁ ସମର ପ୍ରଧାନ, ଚମ୍ପୁଆ ବିଧାନସଭା କ୍ଷେତ୍ରରୁ ଶ୍ରୀମନ୍ତ କୁମାର ତ୍ରିପାଠୀ, କରଞ୍ଜିଆ ବିଧାନସଭା କ୍ଷେତ୍ରରୁ ସମାଇ ଚରଣ , ବାରବାଟୀ-କଟକ ବିଧାନସଭା କ୍ଷେତ୍ରରୁ ହେମନ୍ତ କୁମାର ବେହେରା, ବାଙ୍ଗିରୀପୋଷି ବିଧାନସଭା କ୍ଷେତ୍ରରୁ ଜିତେନ୍ଦ୍ର ପାତ୍ର, କେନ୍ଦ୍ରାପଡା ବିଧାନସଭା କ୍ଷେତ୍ରରୁ ଉର୍ମିଳା ସେଠୀ, ରାଜନଗର ବିଧାନସଭା କ୍ଷେତ୍ରରୁ ଅଜୟ କୁମାର ବେହେରା, ଯାଜପୁର ବିଧାନସଭା କ୍ଷେତ୍ରରୁ ପ୍ରଦୀପ କୁମାର ବେହୁରିଆ, ବସ୍ତା ବିଧାନସଭା କ୍ଷେତ୍ରରୁ ଅଜୟ କୁମାର ନାୟକ ଏବଂ ସଚିନ୍ଦ୍ର ଦାସ, ପାଟଣା ବିଧାନସଭା କ୍ଷେତ୍ରରୁ ଅଖିଳ ଚନ୍ଦ୍ର ନାୟକଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରାଯାଇଛି । ରାଜ୍ୟ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ମଙ୍ଗଳବାର ଦିନ ଏହି ସୂଚନା ଦେଇଛନ୍ତି ।